# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 04 October - 2023

### News Editor : ITISHREE SINGH RATHAUR

*************************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାରେ ୫୦ ଲକ୍ଷ ଅତିକ୍ରମ କଲା ହିତାଧିକାରୀଙ୍କ ସଂଖ୍ୟା

— ଏହି ଯୋଜନା ଉଠା ଦୋକାନୀଙ୍କ ଜୀବନରେ ଉନ୍ନତି ଆଣିଥିବା କହିଲେ ପ୍ରଧାନମନ୍ତ୍ରୀ

- ଭୁବନେଶ୍ୱର, ବାଲିଅନ୍ତା ଓ ଜଟଣୀ ବ୍ଲକର ଆବାସିକ କଲୋନୀ ପାଇଁ ୪୨୯ଟି ରାସ୍ତା ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ; ଖର୍ଚ୍ଚ ହେବ ୩୯ କୋଟି ୨୫ ଲକ୍ଷ ଟଙ୍କା

- ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କଲେ ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ

ଏବଂ

- ଏସିଆନ୍ ଗେମ୍ସର ତୀରନ୍ଦାଜ୍ ପ୍ରତିଯୋଗିତାରେ ଭାରତକୁ ଆଉ ଏକ ସ୍ୱର୍ଣ୍ଣ; ପଦକ ସଂଖ୍ୟା ୭୪କୁ ବୃଦ୍ଧି

## ପିଏମ୍-ସ୍ୱନିଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱନିଧି ଯୋଜନାର ପ୍ରଶଂସା କରିଛନ୍ତି । ଏହି ଯୋଜନାରେ ହିତାଧିକାରୀମାନଙ୍କ ସଂଖ୍ୟା  ୫୦ ଲକ୍ଷକୁ ଅତିକ୍ରମ କରିଛି । ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ଏକ ପୋଷ୍ଟ ଉପରେ ଶ୍ରୀ ମୋଦୀ କହିଛନ୍ତି' ପି.ଏମ୍. ସ୍ୱନିଧି ଯୋଜନା ଉଠାଦୋକାନୀମାନଙ୍କ ଜୀବନରେ ଉନ୍ନତି ଆଣିବା ସହ ସେମାନଙ୍କୁ ସମ୍ମାନର ସହ ବଞ୍ଚିବାର ସୁଯୋଗ ପ୍ରଦାନ କରିଛି ।

ସୂଚନା ଅନୁସାରେ କେନ୍ଦ୍ର ସରକାର ୨୦୨୦ ଜୁନ୍ ୧ ତାରିଖରେ ପ୍ରଧାନମନ୍ତ୍ରୀ ଷ୍ଟିଟ୍ ଭେଣ୍ଡରସ୍ ଆତ୍ମନିର୍ଭର ନିଧି ଯୋଜନାର ଶୁଭାରମ୍ଭ କରିଥିଲେ । ଏହି ଯୋଜନା ମାଧମରେ  ଉଠାଦୋକାନୀମାନଙ୍କୁ ବ୍ୟବସାୟ ଆରମ୍ଭ କରିବା ପାଇଁ ଋଣ ସୁବିଧା ପ୍ରଦାନ କରାଯାଇଛି ।

## ମୁଖ୍ୟମନ୍ତ୍ରୀ-ଆବାସିକ କଲୋନୀ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭୁବନେଶ୍ୱର, ବାଲିଅନ୍ତା ଓ ଜଟଣୀ ବ୍ଲକର ଆବାସିକ କଲୋନୀଗୁଡ଼ିକ ପାଇଁ ୩୯ କୋଟି ୨୫ ଲକ୍ଷ ଟଙ୍କାର ୪୨୯ଟି ରାସ୍ତା ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି ।   ଏହି କାର୍ଯ୍ୟ ୩ ମାସ ମଧରେ ସମ୍ପୂର୍ଣ୍ଣ କରାଯିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସମ୍ପୃକ୍ତ ଅଞ୍ଚଳବାସୀ ଆବାସିକ କଲୋନୀଗୁଡ଼ିକର ରାସ୍ତା ଓ ବିଦ୍ୟୁତ୍ ବ୍ୟବସ୍ଥା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଫାଇଭ୍-ଟି ସଚିବଙ୍କ ଗତ ଅଗଷ୍ଟ ମାସରେ ଖୋର୍ଦ୍ଧା ଜିଲ୍ଲା ଗସ୍ତ ସମୟରେ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ମୁଖ୍ୟମନ୍ତ୍ରୀଙ୍କ

ନିର୍ଦ୍ଦେଶକ୍ରମେ ଏକ ବୈଷୟିକ ଟିମ୍ ଗଠନ କରାଯାଇ ସେସବୁ ଅଞ୍ଚଳକୁ ଅନୁଧ୍ୟାନ ପାଇଁ ପଠାଯାଇଥିଲା। ଏହି ଟିମ୍ ରିପୋର୍ଟ ଦେବା ପରେ ସେହି ଅଞ୍ଚଳର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ପାଣ୍ଠି ମଞ୍ଜୁର କରିଛନ୍ତି।

ସୂଚନାଯୋଗ୍ୟ, ୪୨୯ଟି ରାସ୍ତା ପ୍ରକଳ୍ପ ମଧ୍ୟରେ ଭୁବନେଶ୍ୱର ବ୍ଲକର ୧୪୦ଟି, ଜଟଣୀ ବ୍ଲକ୍ର ୨୪୬ଟି ଓ ବାଲିଅନ୍ତା ବ୍ଲକ୍ର ୪୩ଟି ପ୍ରକଳ୍ପ ରହିଛି। ଏହିସବୁ ଅଞ୍ଚଳକୁ ରାସ୍ତା ନିର୍ମାଣ, ଉନ୍ନତୀକରଣ ଓ ବିଦ୍ୟୁତୀକରଣ କାର୍ଯ୍ୟ କରାଯିବ।

# ମଲ୍ଟି ସ୍ପେଶାଲିଟି ହସ୍ପିଟାଲ

ଅନୁଗୁଳ, କେନ୍ଦୁଝର ଜିଲ୍ଲାର ବଡବିଲ୍, ଭଦ୍ରକ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ପିପିପି ମାଧ୍ୟମରେ ୧୦୦ରୁ ୨୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶିଆଲିଟି ଏବଂ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ନିର୍ମାଣ ହେବ। ଏଥିପାଇଁ ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହେବ ବୋଲି ଜଣାପଡିଛି। ରାଜ୍ୟରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଏହା ଅଧିକ ସୁଦୃଢ଼ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଯାଜପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଶଯ୍ୟା ସଂଖ୍ୟା ୩୩୦ରୁ ୪୨୦କୁ ବୃଦ୍ଧି କରାଯାଇଛି। ଆସନ୍ତାବର୍ଷ ଯାଜପୁର ମେଡ଼ିକାଲ କଲେଜରେ ଏମ୍.ବି.ବି.ଏସ୍. ପାଠ୍ୟକ୍ରମରେ ନାମ ଲେଖା ଲାଗି ସମୟ ଧାର୍ଯ୍ୟ କରାଯାଇଛି । ମେଡ଼ିକାଲ କଲେଜ ଏବଂ ଜିଲ୍ଲାରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଲାଗି ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଇଛି ।

## ଆମ୍ବୁଲାନ୍ସ ଲୋକାର୍ପଣ-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଅପରାହ୍ଣରେ ୨୬ଟି ନୂତନ ଆମ୍ବୁଲାନ୍ସର ଲୋକାର୍ପଣ କରିବେ। ରୋଗୀମାନଙ୍କୁ ଜରୁରୀକାଳିନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଏହି ଆମ୍ବୁଲାନ୍ସଗୁଡ଼ିକ ଉପଲବ୍ଧ ହେବ। ଓଡ଼ିଶା ସରକାରଙ୍କ ପାଣ୍ଠିରୁ ୧୦ କୋଟି ୯୨ ଲକ୍ଷ ଟଙ୍କା ବିନିଯୋଗରେ ଏହି ଆମ୍ବୁଲାନ୍ସଗୁଡ଼ିକୁ କ୍ରୟ କରାଯାଇଛି।

## ମାନସ ମଙ୍ଗରାଜ

ବିଜେଡ଼ି ସାଂସଦ ମାନସ ମଙ୍ଗରାଜଙ୍କୁ ନୂଆ ଦାୟିତ୍ୱ ଦିଆଯାଇଛି। ତାଙ୍କୁ ରାଜ୍ୟସଭାରେ ବିଜେଡିର ମୁଖ୍ୟ ସଚେତକ ଭାବେ ନିଯୁକ୍ତି ମିଳିଛି। ଦଳର ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀ ମଙ୍ଗରାଜଙ୍କୁ ଏହି ନିଯୁକ୍ତି ଦେଇଛନ୍ତି।

## ହାଇକୋର୍ଟ-ମୁଖ୍ୟ କାର୍ଯ୍ୟକାରୀ ବିଚାରପତି

ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ବରିଷ୍ଠ ବିଚାରପତି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଭାରତ ସରକାରଙ୍କ ଆଇନ୍ ଓ ନ୍ୟାୟ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁସାରେ ରାଷ୍ଟ୍ରପତି ଓଡ଼ିଶା ହାଇକୋର୍ଟର ବିଚାରପତି ଡକ୍ଟର ଷଡଙ୍ଗୀଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ଡକ୍ଟର ଷଡଙ୍ଗୀ ୧୯୬୨ ମସିହା ଜୁଲାଇ ୨୦ ତାରିଖରେ ନୟାଗଡ଼ ଜିଲ୍ଲା ଓଡଗାଁଠାରେ ଜନ୍ମଗ୍ରହଣ କରିଥିଲେ। ସେ ଓଡ଼ିଶା ଅର୍ଥସେବାର ଜଣେ ପ୍ରଥମ ଶ୍ରେଣୀ ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ। କଟକ ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟରୁ ଏଲ୍‌ଏଲ୍‌ବି ଓ

ଏଲ୍‌ଏଲ୍‌ଏମ୍ ପାଠ୍ୟକ୍ରମ ଶେଷ କରିବା ପରେ ଆଇନ୍‌ରେ ପିଏଚ୍‌ଡି କରିଥିଲେ ।

ଅନ୍ୟପକ୍ଷରେ ଜଷ୍ଟିସ୍ ସୁବାଶିଷ ତଲାପତ୍ର ଗତକାଲି ମୁଖ୍ୟ ବିଚାରପତି ପଦରୁ ଅବସର ନେଇଛନ୍ତି । ୫୭ ଦିନ ଜଷ୍ଟିସ୍ ତଲାପତ୍ର ଓଡ଼ିଶା ହାଇକୋର୍ଟର ମୁଖ୍ୟବିଚାରପତି ଥିଲେ ।

## ସିଏଜି ରିପୋର୍ଟ

ଓଡ଼ିଶାର ମୋଟ୍ ରାଜ୍ୟ ଘରୋଇ ଉତ୍ପାଦ-ଜିଏସ୍‌ଡିପି- ସାମ୍ପ୍ରତିକ ମୂଲ୍ୟରେ ୨୦୨୧-୨୨ ଆର୍ଥିକ ବର୍ଷରେ ୬ ଲକ୍ଷ ୩୮ ହଜାର ୩୪୨ କୋଟି ଟଙ୍କା ରହିଥିଲା । ବର୍ତ୍ତମାନ ଏହା ସ୍ଥିର ମୂଲ୍ୟରେ ୪ ଲକ୍ଷ ୨୭ ହଜାର ୫୯୨ କୋଟି ଟଙ୍କା ରହିଛି ବୋଲି ଭାରତର ଲେଖା ନିୟନ୍ତ୍ରକ ସିଏଜିଙ୍କ ରିପୋର୍ଟରୁ ଜଣାପଡିଛି । ପୂର୍ବବର୍ଷ ତୁଳନାରେ ଜିଏସ୍‌ଡିପିରେ ୧୭ ଦଶମିକ ୫/୮ ପ୍ରତିଶତ ଅଭିବୃଦ୍ଧି ଘଟିଛି । ୨୦୨୧-୨୨ ଆର୍ଥିକବର୍ଷରେ ସେବା କ୍ଷେତ୍ରରୁ ସର୍ବାଧିକ ୩୪ ଦଶମିକ ୬/୭ ପ୍ରତିଶତ ରାଜସ୍ୱ ମିଳିଥିବାବେଳେ ଶିଳ୍ପ କ୍ଷେତ୍ରରୁ ୩୪ ଦଶମିକ ୩/୫ ପ୍ରତିଶତ ରାଜସ୍ୱ ମିଳିଛି । ତେଣୁ ଓଡ଼ିଶା ରାଜସ୍ୱ ଆର୍ଥିକ ଦୃଷ୍ଟିରୁ ଏକ ବଳକା ରାଜ୍ୟରେ ପରିଣତ ହୋଇଛି । ଅଦିନିଆ ବର୍ଷା ସତ୍ତ୍ୱେ ରାଜ୍ୟର କୃଷି କ୍ଷେତ୍ରରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ଏହି ରିପୋର୍ଟ ଅନୁଯାୟୀ ୨୦୨୧-୨୨ ଆର୍ଥିକ ବର୍ଷରେ ଓଡ଼ିଶା ଜିଡିପିକୁ କୃଷି କ୍ଷେତ୍ରର ଯୋଗଦାନ ୧୭ ଦଶମିକ ୯/୧ ପ୍ରତିଶତ ରହିଥିଲା । ଅଣ ମୌସୁମୀ ବର୍ଷା, ବାତ୍ୟାର ପ୍ରଭାବ ସତ୍ତ୍ୱେ ରାଜ୍ୟର କୃଷି କ୍ଷେତରେ ୧ ଦଶମିକ ୭/୦ ଅଭିବୃଦ୍ଧି ହୋଇଥିଲା ।

କୃଷି କ୍ଷେତ୍ରର ଅଭିବୃଦ୍ଧି ତଥା ଶିଳ୍ପ ଏବଂ ସେବା କ୍ଷେତ୍ରର ସାମଗ୍ରୀକ ଅଭିବୃଦ୍ଧି ଯୋଗୁଁ ରାଜ୍ୟ ଅଭିବୃଦ୍ଧି ହାର ୧୭ ଦଶମିକ ୫/୮ ପ୍ରତିଶତରେ ପହଞ୍ଚିଥିଲା ବୋଲି ସିଏଜି ରିପୋର୍ଟରେ ଦର୍ଶାଇଛି। ସେହିପରି ପୂର୍ବବର୍ଷ ତୁଳନାରେ ୨୦୨୧-୨୨ରେ ରାଜ୍ୟସ୍ୱ ପ୍ରାପ୍ତିରେ ୪୮ ହଜାର ୬୭୨ କୋଟି ଟଙ୍କାର ଅଭିବୃଦ୍ଧି ଘଟିଥିବାବେଳେ ରାଜସ୍ୱ ବ୍ୟୟ ୧୪ ହଜାର ୨୭୭ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଅପରପକ୍ଷେ, ରାଜ୍ୟର ନିଜସ୍ୱ ଟିକସ ପୂର୍ବବର୍ଷ ତୁଳନରେ ୧୮ ଦଶମିକ ୯/୪ ପ୍ରତିଶତ ବୃଦ୍ଧି ପାଇଥିଲ। ଏବଂ ପୂର୍ବବର୍ଷ ତୁଳନାରେ ଅଣଟିକସ ରାଜସ୍ୱ ୧୭୭ ଦଶମିକ ୯/୮ ପ୍ରତିଶତ ବୃଦ୍ଧି ପାଇଥିଲା। ଏହି ସମୟରେ  ରାଜ୍ୟର ପୁଞ୍ଜି ବ୍ୟୟ ୨୨ ହଜାର ୭୨୬ କୋଟି ଟଙ୍କା ରହିଥିଲା ଯାହାକି ମୋଟ ଖର୍ଚ୍ଚ ୧ ଲକ୍ଷ ୩୪ ହଜାର କୋଟି ଟଙ୍କାର ୧୬ ଦଶମିକ ୯/୬ ପ୍ରତିଶତ ଥିଲା।

## ହବିଷ୍ୟାଳୀ ପଞ୍ଜୀକରଣ

ପୁରୀ ଶ୍ରୀକ୍ଷେତ୍ରରେ ରହି ହବିଷ ବ୍ରତ ପାଳନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ଏହା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ

ସୂଚନା ଅନୁସାରେ, ଆସନ୍ତା ୨୯ ତାରିଖରୁ କାର୍ତ୍ତିକ ବ୍ରତ ଆରମ୍ଭ ହେବ। ପଞ୍ଜୀକରଣ କରିଥିବା ହବିଷ୍ୟାଳୀଙ୍କୁ ସରକାରଙ୍କ ପକ୍ଷରୁ ମାଗଣାରେ ରହିବା ବ୍ୟବସ୍ଥା କରାଯିବା ସହ ମହାପ୍ରସାଦ ଯୋଗାଇ ଦିଆଯିବ। ଏଥିପାଇଁ ନରେନ୍ଦ୍ର କୋଣ, ବୃନ୍ଦାବତୀ ନିବାସ ସମେତ ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ ଏବଂ ବାଗେଡିଆ ଧର୍ମଶାଳାରେ ଆବଶ୍ୟକ ବ୍ୟବସ୍ଥା କରାଯିବ।

ଏହାସହ ହବିଷ୍ୟାଳୀମାନଙ୍କୁ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯିବ।

## ବାଲିବିବାହ କର୍ମଶାଳା

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲ୍ୟବିବାହ ନିରାକରଣ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ସାହୁ, ଡାକ୍ତର ଦେବରାଜ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବାଲ୍ୟବିବାହ ରୋକାଯିବା ନେଇ ମତ ରଖିଥିଲେ।

## ଲକ୍ଷ୍ମୀପୂଜା ବୈଠକ

ଢେଙ୍କାନାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ଲକ୍ଷ୍ମୀପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସରୋଜ କୁମାର ସେଠୀ ବୈଠକରେ ଯୋଗଦେଇ ଚଳିତ ମାସ ୨୮ ତାରିଖରେ ଲକ୍ଷ୍ମୀପୂଜା ଆରମ୍ଭ ହୋଇ ଆସନ୍ତା ମାସ ୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦେଇଛନ୍ତି। ୮ ତାରିଖ ଦିନ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ସମୟରେ ୨୪ ଘଣ୍ଟା ବିଜୁଳି, ଜଳଯୋଗାଣ ଉପଲବ୍ଧ କରାଇବା ପାଇଁ ସଂପୃକ୍ତ ବିଭାଗକୁ କୁହାଯାଇଛି।

## ଏସିଆନ୍ ଗେମ୍ସ

ଚୀନ୍‌ର ହାଙ୍ଗଝୌଠାରେ ଚାଲିଥିବା ଏସିଆନ୍ ଗେମ୍ସରେ ଆଜି ଭାରତକୁ ଆଉ ଏକ ସ୍ୱର୍ଣ୍ଣ ପଦକ ମିଳିଛି। ତୀରନ୍ଦାଜ୍‌ରେ ଓଜସ୍ ଦେଓତାଲେ ଏବଂ ଜ୍ୟୋତି ଭେନମ୍ ମିଳିତ ଭାବେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।  ଭାରତୀୟ ଯୋଡ଼ି ଦକ୍ଷିଣ କୋରିଆ ଦଳକୁ ୧୫୯, ୧୫୮ରେ ପରାସ୍ତ କରିଛନ୍ତି। ସେହିଭଳି

ମହିଳା ବକ୍ସିଂର ୭୫ କିଲୋଗ୍ରାମ୍ ବର୍ଗରେ ଭାରତର ଲଭ୍‌ଲିନା ବୋର୍‌ଗୋହିନ୍ ରୌପ୍ୟ ପଦକ ଜିତିଛନ୍ତି ।

ସେହିଭଳି ୩୫ କିଲୋମିଟର ମିକ୍ସଡ୍ ରେସ୍ ଓ୍ୱାକିଂ ପ୍ରତିଯୋଗିତାରେ ଭାରତର ରାମ ବାବୁ ଏବଂ ମଜନୁ ରାନୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

ଅପରପକ୍ଷରେ ବ୍ୟାଡମିଣ୍ଟନରେ ପି.ଭି.ସିନ୍ଧୁ ଓ ଏଚ୍.ଏସ୍. ପ୍ରଣୟ ନିଜ ନିଜ ବର୍ଗର ସିଙ୍ଗିଲ୍‌ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ସିନ୍ଧୁ ଇଣ୍ଡୋନେସିଆର ପୁତ୍ରି କୁଶୁମାଙ୍କୁ ହରାଇଥିବା ବେଳେ ପ୍ରଣୟ' କାଜାଖସ୍ତାନର ଦିମିତ୍ରି ପାନାରିନ୍‌ଙ୍କୁ ହରାଇଛନ୍ତି । ଆଜି ଭାରତର ନିରଜ ଚୋପ୍ରା ପୁରୁଷ ଜାଭେଲିନ୍ ଥ୍ରୋ' ପ୍ରତିଯୋଗିତାରେ ଭାଗ ନେବେ ।

ଆଜିର ଏହି ପଦକ ସହ ଏସିଆନ୍ ଗେମ୍ସରେ ଭାରତ ବର୍ତ୍ତମାନ ସୁଦ୍ଧା ୧୬ଟି ସ୍ୱର୍ଣ୍ଣ ୨୭ଟି ରୌପ୍ୟ ଏବଂ ୩୧ଟି ବ୍ରୋଞ୍ଜ ସହ ମୋଟ୍ ୭୪ଟି ପଦକ ହାସଲ କରିଛି ।

## ପାଣିପାଗ

ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱରଠାରେ ସର୍ବାଧିକ ୧୪୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିବାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି ।

*******************************